# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2927 April - 2024**

**News Editor : *Tapan Kumar Moharana***

# ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତା ମଇମାସ ୨୫ ତାରିଖରେ ହେବ । ଏଥିପାଇଁ ଆଜି ତୃତୀୟ ପର୍ଯ୍ୟାୟ  ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ  ଦାଖଲ ପ୍ରକ୍ରିୟା ମଧ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହେବ । ମଇ ମାସ ୬ ତାରିଖରେ ନାମାଙ୍କନ ପତ୍ର ଦାଖଲ କରାଯାଇପାରିବ । ଏହି ପର୍ଯ୍ୟାୟରେ ମୋଟ ୬ଟି ଲୋକସଭା ଏବଂ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ନିଆଯିବ।

ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟର ୯୪ ଲକ୍ଷ ୪୧ ହଜାର ୭୯୭ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ୨ ଲକ୍ଷ ୩୫ ହଜାର ୭୬୪ ଜଣ ଯୁବ ମତଦାତା ପ୍ରଥମ ଥର ଲାଗି ଭୋଟ୍ ଦେବେ ।

# ନିର୍ବାଚନୀ କଟକଣା

ନିର୍ବାଚନୀ କାର୍ଯ୍ୟରେ କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀମାନେ ଶିଶୁମାନଙ୍କୁ ନିୟୋଜିତ କରିବା ଉପରେ ନିର୍ବାଚନ ଆୟୋଗ ନିଷେଧାଦେଶ ଜାରି କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ଏ ସଂକ୍ରାନ୍ତରେ ବିଭିନ୍ନ ଦଳ ପକ୍ଷରୁ ଅଭିଯୋଗ ଆସିବା ପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ବାଚନୀ ଶୋଭାଯାତ୍ରା କିମ୍ବା ପ୍ରଚାର ସମୟରେ ଶିଶୁଙ୍କୁ କାଖରେ ବା ଗାଡିରେ ନେଇ ସାମିଲ ହେବା ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଏଭଳି କୌଣସି ଅଭିଯୋଗ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ଧଳ କହିଛନ୍ତି ।

## କଂଗ୍ରେସର ପ୍ରାର୍ଥୀ ଘୋଷଣା

ରାଜ୍ୟର ୨ ଟି ଲୋକସଭା ଓ ୮ ଟି ବିଧାନସଭା ଆସନ ପାଇଁ କଂଗ୍ରେସ ଗତକାଲି ପ୍ରାର୍ଥୀ ଘୋଷଣା କରିଛି । ସମ୍ବଲପୁର ଲୋକସଭା, ଖଣ୍ଡପଡା ଏବଂ ବାରିପଦା ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ବଦଳ କରାଯାଇଛି । ନୂଆ ତାଲିକା ଅନୁସାରେ ସମ୍ବଲପୁର ଲୋକସଭା ଆସନରୁ ନଗେନ୍ଦ୍ର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଥିବାବେଳେ ଖଣ୍ଡପଡା ବିଧାନସଭା ଆସନରୁ ବୈଜୟନ୍ତୀମାଳା ମହାନ୍ତି ଏବଂ ବାରିପଦା ବିଧାନସଭା ଆସନ ଲାଗି ପ୍ରମୋଦ କୁମାର ହେମ୍ବ୍ରମଙ୍କୁ ଦଳ ପ୍ରାର୍ଥୀ କରିଛି ।

ଅନ୍ୟପକ୍ଷରେ କଟକ ଲୋକସଭା ଆସନ ଏବଂ ଜଳେଶ୍ୱର, ବାଲେଶ୍ୱର, ପାଲଲହଡା, କଟକ-ବାରବାଟୀ, ବଡଚଣା ଓ

ଜଗତସିଂହପୁର ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି ।

## ଜେ.ପି. ନଡ୍ଡା

ରାଜ୍ୟ ଓ କେନ୍ଦ୍ରରେ ବି.ଜେ.ପି. ସରକାର ଗଠନ ହେଲେ ଓଡିଶାର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା କହିଛନ୍ତି। ଦିନିକିଆ ଓଡିଶା ଗସ୍ତରେ ଆସି ଗତକାଲି ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଆମ୍ବପୁଆଠାରେ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ନଡ୍ଡା କହିଛନ୍ତି ଉଜ୍ଜ୍ୱଳା ଯୋଜନାରେ ରାଜ୍ୟର ୫୩ଲକ୍ଷ ପରିବାରକୁ ରନ୍ଧନ ଗ୍ୟାସ ସଂଯୋଗ ଦିଆଯାଇଛି । ନୂଆଦିଲ୍ଲୀ ଫେରିଯିବା ପୂର୍ବରୁ  ଶ୍ରୀ ନଡ୍ଡା ଆଜି ଭୁବନେଶ୍ୱରଠାରେ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବେ ।

## ରୋଡ ଶୋ'

ଝାରସୁଗୁଡା ଠାରେ ବିଜେପି ପକ୍ଷରୁ ଗତକାଲି ଏକ ରୋଡ ଶୋ' ଅନୁଷ୍ଠିତ ହୋଇଯାଇଛି। ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଦଳର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇ ଦଳ ସପକ୍ଷରେ ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ.ଡି.ଏ ସରକାର ପୁଣି ଥରେ କ୍ଷମତାକୁ ଆସିଲେ ଦେଶର ସର୍ବାଙ୍ଗୀନ ବିକାଶ ହେବ ବୋଲି ରୋଡ ଶୋ'ରେ ସାମିଲ ହୋଇଥିବା ଦଳୀୟକର୍ମୀମାନେ ପ୍ରକାଶ କହିଛନ୍ତି  ।ଇ ଦିଆଯିବ ବୋଲି ଏମସ କର୍ତ୍ତୃପକ୍ଷ କହିଛନ୍ତି ।

..........................................................................

# କନିଷ୍ଠ ଶିକ୍ଷକ ମାମଲା

ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ଓ ଅଭିଯୋଗ ମାମଲାର ଓଡିଶା ହାଇକୋର୍ଟରେ ରାୟ ପ୍ରକାଶ ପାଇବ । ନିଯୁକ୍ତି ବିଜ୍ଞପ୍ତିର ନିୟମ ଏବଂ ଶତାବଳୀ ଆଧାରରେ ମେଧାତାଲିକା ପ୍ରକାଶ କରାଯାଇ ନ ଥିବାରୁ ଏହାକୁ ଚ୍ୟାଲେଞ୍ଜ କରି କେତେକ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ଦ୍ୱାରା ପ୍ରସ୍ତୁତ ମେଧାତାଲିକାକୁ ଓଡିଶା ହାଇକୋର୍ଟ ଗତ ମାର୍ଚ୍ଚମାସ ୧୨ତାରିଖରେ ରଦ୍ଦ କରିଥିଲେ । ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଗତ ୨୫ତାରିଖ ଦିନ ମାମଲାର ଶୁଣାଣୀ କରି ଆଜି ରାୟ ପ୍ରକାଶ ପାଇଁ ସମୟ ଧାର୍ଯ୍ୟ କରିଛନ୍ତି ।

---

# ମିନି ମାରାଥନ

ସୁନ୍ଦରଗଡ ଜିଲ୍ଲାରେ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମଇ ମାସ ୨୦ ତାରିଖରେ ବିଧାନସଭା ଓ ଲୋକସଭା ନିମନ୍ତେ ମତଦାନ ହେବ । ଏହା ପୂର୍ବରୁ ଭୋଟମାନଙ୍କ ମଧ୍ୟରେ ମତଦାନ ପାଇଁ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମିନି ମାରାଥନ ଅନୁଷ୍ଠିତ

ହୋଇଯାଇଛି । ଶତ ପ୍ରତିଶତ ମତଦାନକୁ ସୁନିଶ୍ଚିତ କରିବା ତଥା ମତଦାତାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ମାରାଥନ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଅନ୍ତର୍ଜାତୀୟ ନୃତ୍ୟ ଦିବସ

ନୃତ୍ୟ ହେଉଛି କଳାର ସୃଜନଶୀଳ ରୂପ, ଯାହା ମନୁଷ୍ୟର ଆଭ୍ୟନ୍ତରୀଣ ଶକ୍ତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ଏହି ବାର୍ତ୍ତା ନେଇ ଆଜି ବିଶ୍ୱରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଏପ୍ରିଲ ମାସ ୨୯ତାରିଖରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍-ଜର୍ଜେସ୍ ନୋଭେରଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଉଛି । ୧୯୮୨ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିବର୍ଷ ଅନ୍ତର୍ଜାତୀୟ ନୃତ୍ୟ କମିଟି ଦ୍ୱାରା ଜଣେ ନୃତ୍ୟଗୁରୁ କିମ୍ବା ନୃତ୍ୟ ଶିଳ୍ପୀଙ୍କୁ ଚୟନ କରାଯାଇଥାଏ । ସେମାନେ ବିଶ୍ୱବାସୀଙ୍କ ପାଇଁ ପ୍ରେରଣାତ୍ମକ ବାର୍ତ୍ତା ଦେଇଥାଆନ୍ତି, ସେହି ବାର୍ତ୍ତାକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ବିଶ୍ୱସ୍ତରରେ ପ୍ରସାର କରାଯାଏ । ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ରାଜ୍ୟର ନୃତ୍ୟପ୍ରେମୀମାନଙ୍କ ତରଫରୁ ବିଭିନ୍ନ ରଙ୍ଗମଞ୍ଚରେ ଆଜି କାର୍ଯ୍ୟକ୍ରମମାନ ଆୟୋଜନ ହେବାର ସମ୍ବାଦ ଆମର ହସ୍ତଗତ ହୋଇଛି ।

# ପାଣିପାଗ

ପଶ୍ଚିମା ଏବଂ ଉତ୍ତର ପଶ୍ଚିମା ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ସମଗ୍ର ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ଜାରି ରହିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଜି ତାପମାତ୍ରା ଆହୁରି ୨ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।  ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲି ୧୨ଟି ସହର  ତାପମାତ୍ରା  ୪୩ ଡିଗ୍ରୀ  ଏବଂ ୨୭ଟି ସହରର ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ଥିଲା ।